# ପ୍ରବାସୀ ଭାରତୀୟଙ୍କ ନାମରେ ପୁରସ୍କାର ବଣ୍ଟନ



ପୁରସ୍କୃତ କୃତୀ ଛାତ୍ରୀଛାତ୍ର । (ଫଟୋ: ସୁକାନ୍ତ)

ରଣପୁର,୧୭।୮(ସ୍ୱ.ପ୍ର.)-ସ୍ୱାଧୀନତା ଦିବସ ଅବସରରେ ରଣପୁର ବ୍ଲକ ଅନ୍ତର୍ଗତ ଲୋଧାଚୁଆଠାରେ ଥିବା ଦହିଖାଇ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଉଦୟନାଥ ବିଦ୍ୟାପୀଠରେ ଚଳିତ ବର୍ଷଠାରୁ ପ୍ରବାସୀ ଭାରତୀୟଙ୍କ ନାମରେ ସରୋଜ୍ଜ ଉମା ସମ୍ମାନ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି । ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଚଳିତ ବର୍ଷଠାରୁ ଏହି ସମ୍ମାନ ପ୍ରଦାନ ଆରମ୍ଭ ହୋଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମସେନ ନାୟକ ସଭାପତିତ୍ୱ କରିଥିବାବେଳେ ଅନୁଷ୍ଠାନ ସମ୍ପାଦକ ରବି ନାରାୟଣ ନନ୍ଦ ଏହାକୁ ଉଦ୍‌ଘାଟନ କରିଥିଲେ । ଲୋଧାଚୁଆ ଗ୍ରାମର ପ୍ରବାସୀ ଭାରତୀୟ ସରୋଜ ପ୍ରସାଦ ମହାନ୍ତି ଓ ଉମା ଚାପେଲି ମହାନ୍ତିଙ୍କ ନାମରେ ନାମିତ ଏହି ସମ୍ମାନ ପ୍ରତିବର୍ଷ ବଣ୍ଟନ କରାଯିବ । ଚଳିତ ବର୍ଷ ବିଦ୍ୟାଳୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ୩୦୦୦, ୨୦୦୦ ଓ ୧୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ନୂର୍ଜାହାଦ୍ ଫାତମା, ପ୍ରକାଶ ସେନାପତି, ସମିର କୁମାର ନାୟକ । ଏହି ଅବସରରେ ସ୍ଥାନୀୟ ଉଦୟନାଥ ବିଦ୍ୟାପୀଠ, ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଦହିଖାଇ ଯୁବକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।